## ଦେବଦମ୍ପତିଙ୍କ ନିର୍ବନ୍ଧ

କେନ୍ଦୁଝର,(ସ୍ୱ.ପ୍ର): କେନ୍ଦୁଝର ନରଣପୁର ଉପଖଣ୍ଡରେ ଦେବ ଦମ୍ପତିଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି। କନ୍ୟା ମାତାପିତା ଭାବେ ଶୋଭାଯାତ୍ରାରେ ନିର୍ବନ୍ଧ ସ୍ୱୀକାର ଧରି ନରଣପୁର ଗ୍ରାମର ପ୍ରେମଲତା କବି ଓ ଜନାର୍ଦ୍ଦନ କବି ବର ମାତାପିତା ରୀନା ଓ ସୁରେଶ କୁମାର ପଟ୍ଟନାୟକଙ୍କ ଘରେ ପହଞ୍ଚିଥିଲେ। ପଣ୍ଡିତ ସମୀର ମିଶ୍ର ନିର୍ବନ୍ଧ କାର୍ଯ୍ୟ ସମ୍ପାଦନ କରିଥିଲେ। ନରଣପୁର, ଘୁଟୁକେଶ୍ୱରୀ, ଟାଙ୍ଗରପଲଶା, ହଳଦିଆ ଟାଙ୍ଗିରି ଗ୍ରାମର ଶତାଧିକ ଭକ୍ତ ଉପସ୍ଥିତ ଥିଲେ। ଆସନ୍ତା ଶୀତଳଷଷ୍ଠୀ ଦିନ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ମଲ୍ଲିପଶି ରଥଯାତ୍ରା ପାଇଁ ଗୋବର୍ଦ୍ଧନ ମଠରୁ ଆସିଲା ଆଜ୍ଞାମାଳ

ପାଟଣା,୩୦।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତ ମଲ୍ଲୀପଶି ଠାରେ ଅନୁଷ୍ଠିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ସକାଶେ ସୋମବାର ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପୁରୀ ସ୍ଥିତ ଗୋବର୍ଦ୍ଧନ ମଠରୁ ରଥଯାତ୍ରା ପାଇଁ କମିଟିର କର୍ମକର୍ତ୍ତା ମାନେ ଆଜ୍ଞାମାଳ ନେଇ ଫେରିଛନ୍ତି। ଆଜ୍ଞାମାଳ ପହଞ୍ଚିବା ପରେ ଭଜନ କୀର୍ତ୍ତନ କରି ନଗର ଭ୍ରମଣ କରାଯାଇଥିଲା। ଆନନ୍ଦ ବାହିନୀର କେନ୍ଦୁଝର ଜିଲା ଶାଖାର କ୍ଷତ୍ରିୟ ସମ୍ପାଦକ ପ୍ରହ୍ଲାଦ ମହାନ୍ତଙ୍କ ନେତୃତ୍ୱରେ ମଲ୍ଲୀପଶି ରଥଯାତ୍ରା କମିଟିର ଦୁର୍ଯ୍ୟୋଧନ ମହାନ୍ତ, ମଙ୍ଗଲୁ ମହାନ୍ତ, ସୁଦର୍ଶନ ନାଏକ, ମୂଷାଖରୀ ସରପଞ୍ଚ ଭାମାମଣୀ ଦାସ, ଶାନ୍ତିଲତା ଦାସ, ଚନ୍ଦ୍ରମଣି ନାଏକ, ମନ୍ଦୋଦରୀ ଦାସ, ସବିତା ମହାନ୍ତ ପ୍ରମୁଖ ଏହି ଧର୍ମୀୟ କାର୍ଯ୍ୟରେ ପୁରୀ ଯାଇ ଆଜ୍ଞାମାଳ ନେଇ ଆସିଛନ୍ତି। ଏମାନଙ୍କ ସହ ଆଦିତ୍ୟ ବାହିନୀର ୨୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାମାନେ ଶଙ୍କରାଚାର୍ଯ୍ୟଙ୍କ ନିକଟକୁ ଯାଇ ବଡ଼ଦାଣ୍ଡ ଓ ଗୋବର୍ଦ୍ଧନ ପୀଠରେ ଭଜନକୀର୍ତ୍ତନ କରି ପହଞ୍ଚିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ପଦ୍ମପୁର, ୩୦।୫ (ଡି.ଏନ.ଏ.)-ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ରବିବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାବରଙ୍ଗ ପଞ୍ଚାୟତ ପାଳିଆ ଗ୍ରାମର ପ୍ରିୟବ୍ରତ ନାୟକ। ତାଙ୍କ ନାଁରେ ମାମଲା (ନଂ.୨୫୭/୧୯) ରହିଛି।

### ଭାଜପାରେ ମିଶିଲେ ବିଜେଡି ଯୁବ ସଙ୍ଗଠକ

ଭଣ୍ଡାରିପୋଖରୀ, ୩୦।୫-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ବିଜେଡିର ଯୁବ ସଙ୍ଗଠକ ସନ୍ତୋଷ ପଣ୍ଡା ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଏବଂ ଦଳୀୟ ନେତା ବଦ୍ରିନାରାୟଣ ଧଳଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ମିଶିଥିବା ସେ କହିଛନ୍ତି। ଦଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରାକ୍ତନ ସରପଞ୍ଚ ଅରୁଣ ଖ୍ୱିଲାରଙ୍କ ସମେତ ବହୁ ଭାଜପା କର୍ମୀ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

### ପଣ୍ଡିତ ମୁକ୍ତିପଦ ପଣ୍ଡାଙ୍କ ପରଲୋକ

ସିମୁଳିଆ,୩୦।୫(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ବିଶିଷ୍ଟ କର୍ମକାଣ୍ଡ ପଣ୍ଡିତ ମୁକ୍ତିପଦ ପଣ୍ଡା(୮୮)ଙ୍କର ରବିବାର ରାତିରେ ପରଲୋକ ଘଟିଛି। ତାଙ୍କ ଘର ବଙ୍ଗାଳପୁର ପଞ୍ଚାୟତ ଅଧୀନ ଭଗିଆ ଗ୍ରାମରେ। ସେ ଜଣେ ଆଦର୍ଶବାଦୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତିଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ଜଣେ ହୋମିଓପାଥୀ ଚିକିତ୍ସକ ରୂପେ ନିଶୁଳ୍କ ଓ ସ୍ୱଳ୍ପ ମୂଲ୍ୟରେ ସେବା ଯୋଗାଇ ଆସୁଥିଲେ। ନିଜ ଗ୍ରାମରେ ପ୍ରତିଷ୍ଠିତ ବାବା ଭୋଗେଶ୍ୱର ମହାଦେବଙ୍କ ପୂଜକ ରୂପେ କାର୍ଯ୍ୟ କରୁଥିଲେ। ସମାଜ ସେବାରେ ତାଙ୍କର ବିଶେଷ ଅବଦାନ ଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ନୀୟତି ପଣ୍ଡାଙ୍କ ସମେତ ପୁତ୍ର ଓ କନ୍ୟା ହିମାନୀ, ଶିବାନୀ, ସ୍ନେହାଶିଷ, ଦେବାଶିଷ ଓ ନାତୁଣୀ ନାତିମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ କମିଟିର କାନପୁର ନଦୀବନ୍ଧ ପ୍ରକଳ୍ପ ପରିଦର୍ଶନ

■ନିର୍ଦ୍ଦିଷ୍ଟ ବିସ୍ଥାପିତଙ୍କୁ ଗୁରୁତ୍ୱ ଅଭିଯୋଗ

■ପ୍ରଶ୍ନବାଣର ସମ୍ମୁଖୀନ ହେଲା ଟିମ୍

ଯୋଡ଼ା,୩୦।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକର କାନପୁରଠାରେ ବୈତରଣୀ ନଦୀ ଉପରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତଙ୍କ ସମସ୍ୟା ଉପରେ ଅବଗତ ହେବା ପାଇଁ ଦିଲ୍ଲୀରୁ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ସୋମବାର ଅଞ୍ଚଳ ପରିଦର୍ଶନ କରିଛି। ଏହି ପରିଦର୍ଶନରେ କମିଟିରେ ୩ଜଣିଆ ଦଳରେ ପୋଲାଭରମ ପ୍ରକଳ୍ପରେ ଲୋକଙ୍କ ପାଇଁ କାମ କରିଥିବା ଏନ୍‌ଜିଓ ଶକ୍ତିର ନିର୍ଦ୍ଦେଶକ ଶିବରାମ କ୍ରିଷ୍ଣନ, ନ୍ୟାଶନାଲ ଏସ୍‌ଟି କମିଶନଙ୍କ ଆଞ୍ଚଳିକ ନିର୍ଦ୍ଦେଶକ ଭି ଅଶୋକ ବର୍ଦ୍ଧନ ଏବଂ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ଏହି କମିଟି ଧୋବାକୁଚୁଡ଼ା ଅଙ୍ଗୁଳିଆ, ଶଙ୍କରପୁର, ଗୋବିନ୍ଦପୁର ପ୍ରଭୃତି ଗ୍ରାମ ଗୁଡ଼ିକୁ ପରିଦର୍ଶନରେ ଯାଇ ବିସ୍ଥାପିତଙ୍କର ଥଇଥାନ ସମ୍ପର୍କିତ ତଥ୍ୟ ବିଷୟରେ ସଂଗ୍ରହ କରିଥିଲେ। ବିଶେଷ କରି ଏହି କମିଟି ବିସ୍ଥାପିତ ଅଞ୍ଚଳର ଜନଜାତିଙ୍କ ବିସ୍ଥାପନ ସମସ୍ୟା ନେଇ ଅଧିକ ସମ୍ବେଦନଶୀଳ ଥିଲା। ଏହାକୁ କେନ୍ଦ୍ର କରି ଅନ୍ୟ ଜାତିର ବିସ୍ଥାପିତମାନେ ଉକ୍ତ କମିଟି ସମ୍ମୁଖରେ ତର୍କ କରିଥିଲେ।

ଏ ସମ୍ପର୍କରେ ଯୋଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାଏକ କହିଛନ୍ତି ଯେ, ଶଙ୍କରପୁର ଗ୍ରାମରେ ଏହି କମିଟି ବିସ୍ଥାପିତଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝୁଥିବାବେଳେ ଅନସୁଚିତ ଜାତିର ଜଣେ ବ୍ୟକ୍ତି ନିଜର ସମସ୍ୟା ସମ୍ପର୍କରେ ଜଣାଇବା ବେଳେ ତାଙ୍କୁ କମିଟି ବର୍ଣ୍ଣ ବୈଷମ୍ୟ ବିଭେଦ କରିବାରୁ ସେଠାରେ ଉପସ୍ଥିତ ଥିବା ମହିଳାପୁରୁଷମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କେବଳ ଗୋଟିଏ ସମ୍ପ୍ରଦାୟ ଉପରେ କାହିଁକି କମିଟି ଗୁରୁତ୍ୱ ଦେଉଛି ବୋଲି ନାଏକ ଅଭିଯୋଗ କରିଥିଲେ। କେନ୍ଦ୍ରରୁ ଆସିଥିବା ଏହି କମିଟି ପୂର୍ବରୁ କାହିଁକି ବିସ୍ଥାପିତଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିଲେ ବୋଲି ମହିଳାମାନେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ଏହି କମିଟିରେ ସାମିଲ ଥିବା ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ କହିଛନ୍ତି ଯେ, ଏହି କମିଟି କାନପୁର ପ୍ରକଳ୍ପରେ ବିସ୍ଥାପିତ ହେଉଥିବା ଆଦିବାସୀଙ୍କର ବିସ୍ଥାପନ ସମସ୍ୟା ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରସ୍ତୁତ କରି ଏସ୍‌ଟି କମିଶନଙ୍କୁ ହସ୍ତାନ୍ତର କରିବ। ସୂଚନାଯୋଗ୍ୟ , କାନପୁର ଡ୍ୟାମ ପ୍ରକଳ୍ପର ସମୁଦାୟ ୧୬ଗୋଟି ଗ୍ରାମ ବୁଡ଼ି ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ଏହି ବିସ୍ଥାପିତ ଗ୍ରାମର ୪୩୫୩ ଜଣ ବିସ୍ଥାପିତ ଥିବାବେଳେ ତନ୍ମଧ୍ୟରୁ ୨୭୮୫ଜଣ ଅନୁସୂଚିତ ଜନଜାତି ଅଛନ୍ତି।

## ୫ ପିଲାଙ୍କୁ କୋଭିଡ୍ ସହାୟତା

ଭଦ୍ରକ ଅଫିସ, ୩୦।୫

ମହାମାରୀ କରୋନାରେ ମା' ବାପାଙ୍କୁ ହରାଇଥିବା ଭଦ୍ରକ ଜିଲାର ୫ ପିଲାଙ୍କୁ ସୋମବାର ପିଏମ୍ କେୟାର ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟର ଏନ୍‌ଆଇସି ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିହିଡ଼ି ବ୍ଲକ ନନ୍ଦପୁରର ୨ୟ ଶ୍ରେଣୀରେ ପଢୁଥିବା ଜଗତାନନ୍ଦ ନାଥ, ୬ଷ୍ଠ ଶ୍ରେଣୀର ଅଞ୍ଜନା ନାଥ ଓ ତିହିଡ଼ି କଲେଜରେ ଯୁକ୍ତ ୨ ପଢୁଥିବା କଳ୍ପନା ନାଥ, ଏହି ୩ ଭଉଣୀ ଭାଇ ନିଜ ଜେଜେବାପାଙ୍କ ତତ୍ତ୍ୱାବଧାନରେ ଥିବାବେଳେ ବନ୍ତ ବ୍ଲକ ମହାନ୍ତିପଡ଼ାର ୬ଷ୍ଠ ଶ୍ରେଣୀର ସ୍ୱୟମ ପ୍ରକାଶ ସାହୁ ଏବଂ ୮ମ ଶ୍ରେଣୀର ଆଶୁତୋଷ ସାହୁଙ୍କୁ ଏହି ସହାୟତା ଦିଆଯାଇଛି। ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଏନ୍‌ଆଇସି ବୈଷୟିକ ନିର୍ଦ୍ଦେଶକ ବିଜୟ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଲଲାଟେନ୍ଦୁ ମହାନ୍ତି, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୀପ ଜାଳିଲେ, ସ୍ୱାମୀଙ୍କ ଦୀର୍ଘାୟୁ ମାଗିଲେ

ଭଦ୍ରକ ଅଫିସ, ୩୦।୫


ମନ୍ଦିର ବାହାରେ ବ୍ରତଧାରୀ ଦୀପ ଜାଳୁଛନ୍ତି।

**ସାବିତ୍ରୀପୀଠରେ ସଧବାଙ୍କ ଭିଡ଼**

ଭଦ୍ରକ ଜିଲା ବନ୍ତ ବ୍ଲକର ତୋଟାସାହିସ୍ଥିତ ସାବିତ୍ରୀପୀଠରେ ସୋମବାର ସାବିତ୍ରୀ ଓଷା ଅବସରରେ ସଧବାଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ୫ ହଜାରରୁ ଉର୍ଦ୍ଧ୍ୱ ସଧବା ନାରୀ ଦୀପ ଜାଳି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହା ଏକମାତ୍ର ସାବିତ୍ରୀ ପୀଠ ହୋଇଥିବାରୁ ଭୋର ୫ଟାରୁ ବ୍ରତଧାରୀ ମହିଳାମାନେ ମନ୍ଦିରରେ ପହଞ୍ଚି ୨୧ ପ୍ରକାର ଫଳ ଭୋଗ କରିବା ସହ ନୂଆ ଶାଢ଼ି, ଶଙ୍ଖା ଓ ସିନ୍ଦୂର ମା'ଙ୍କ ପାଖରେ ପୂଜା କରି ସ୍ୱାମୀଙ୍କ ମଙ୍ଗଳ ମନାସିଥିଲେ।

ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ଦିନତମାମ ବ୍ରତଧାରୀ ମହିଳାମାନଙ୍କ ଭିଡ଼ ଲାଗିଥିଲା ଏହି ପୀଠରେ। କମିଟି ପକ୍ଷରୁ ମନ୍ଦିରକୁ ପ୍ରବେଶ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ସହ ଭୋଗ ଟିକଟ କାଉଣ୍ଟର କରାଯାଇଥିଲା। ଭିଡ଼କୁ ଲକ୍ଷ୍ୟ କରି ବନ୍ତ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା। ସେହିପରି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସଭାପତି ରାଜୁ ସ୍ୱାଇଁ, ବସନ୍ତ ମହାନ୍ତି, ମଣ୍ଟୁ ଜେନା ପ୍ରମୁଖ ଜଳଦାନ କରିଥିଲେ। ପଞ୍ଚାୟତ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ରକୁ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଓ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ସମୀକ୍ଷା ତ୍ରିପାଠୀ, ନାରାୟଣ ଦାସ, ଦେବଦତ୍ତ ଜେନା, ଦାଶରଥି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମା'ଙ୍କ ପୂଜା ଗୋଟିଏ ଦିନ କରାଯାଉଥିଲେ ମଧ୍ୟ ୫ଦିନ ଧରି ଏଠାରେ ମେଳା ଲାଗିରହେ। ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏଠାରେ ଦୋକାନ ପକାଇଛନ୍ତି। ସନ୍ଧ୍ୟାରେ ମେଲୋଡ଼ି, ଅପେରା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜନ କରାଯାଇଛି।

## ଶିମିଳିପାଳ ଓ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର

ବୈଶିଙ୍ଗା,୩୦।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟଲିପୁରା ସ୍ଥିତ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନରେ ଶିମିଳିପାଳ ଇକୋ ଫ୍ରେଣ୍ଡସ ପକ୍ଷରୁ ଶିମିଳିପାଳ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ 'ଶିମିଳିପାଳ ଓ ପରିବେଶ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୟୂର ସାହିତ୍ୟ ସଂସଦର ସମ୍ପାଦକ ଯତୀନ୍ଦ୍ରନାଥ ସାହୁ, ସମ୍ମାନିତ ଅତିଥି ମହୁଲିଆ ସରକାରୀ ବିଦ୍ୟାଳୟର ଶିକ୍ଷକ ରମାକାନ୍ତ ମହାନ୍ତ, ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷକ ତଥା ଓଷ୍ଟାର ବେତନଟୀ ବ୍ଲକ ଉପସଭାପତି ଶିଶିର କୁମାର ନାୟକ ଏବଂ ସମ୍ମାନିତ ବକ୍ତା ଭାବେ ଶହୀଦ କଙ୍କା କାଳିଆ ସ୍ମୃତି ପରିଷଦର ସଙ୍ଗଠକ ଭକ୍ତହରି ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଶିମିଳିପାଳ ଓ ପରିବେଶ ପ୍ରସଙ୍ଗରେ ବକ୍ତବ୍ୟ ରଖି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜୈବ ମଣ୍ଡଳର ବିଶେଷତା ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଗିରିଜା ଶଙ୍କର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର


ରୋଟାରୀ କ୍ଲବ ଅଧିକାରୀଙ୍କ ଗହଣରେ ଅସ୍ତ୍ରୋପଚାର ସାରି ଫେରିଥିବା ବ୍ୟକ୍ତି।

ବାଲେଶ୍ୱର ଅଫିସ,୩୦।୫

ବାଲେଶ୍ୱର ରୋଟାରୀ କ୍ଲବ ଦ୍ୱାରା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିବା ଜମିରିଆ ଗ୍ରାମର ୧୪ଜଣ ମୋତିଆବିନ୍ଦୁ ରୋଗୀ ସଫଳ ଅସ୍ତ୍ରୋପଚାର ପରେ ଶନିବାର ଘରକୁ ଫେରିଛନ୍ତି। ଅସ୍ତ୍ରୋପଚାର ଫଳପ୍ରଦ ହୋଇଥିବାରୁ ସମସ୍ତେ ଭଲ ଭାବେ ଦେଖିପାରୁଛନ୍ତି। ଏହି ଅସ୍ତ୍ରୋପଚାର ନିଃଶୁଳ୍କ କରାଯାଇଥିଲା।

କ୍ଲବ ପକ୍ଷରୁ ପ୍ରତ୍ୟେକ ମାସରେ ୩/୪ ଥର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଏହିଭଳି ନିଃଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଉଛି। ଭବିଷ୍ୟତରେ ମଧ୍ୟ କାର୍ଯ୍ୟକ୍ରମ ଜାରି ରହିବା ନେଇ କ୍ଲବ ପକ୍ଷରୁ ସ୍ଥିର କରାଯାଇଛି। ଏହି ଅସ୍ତ୍ରୋପଚାର ପାଇଁ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଅଧ୍ୟକ୍ଷ ରୋଟାରିୟାନ୍ ମାତୃଦତ୍ତ ଦାସ, ଉପଦେଷ୍ଟା ସୁବ୍ରତ କର, ଆସନ୍ତା ବର୍ଷ ପାଇଁ ସଭାପତି ସୌରଭ ବେହେରା, ରୋଟାରିୟାନ୍ ସପନ ମହାପାତ୍ର, ଡା. ସମାବେଶ ସ୍ୱାଇଁ, ରମେଶ ଚନ୍ଦ୍ର ବାରିକ, ଦେବେନ୍ଦ୍ର ରାଉତ, ସରୋଜ କୁମାର ବେହେରା, ଝଡ଼ି ରାଣୀ ଦଳାଇ, ଧନଞ୍ଜୟ ବାରିକ, ଅମ୍ରିତା ଦାସ ପ୍ରମୁଖ ସହଯୋଗ କରିଥିଲେ।

## କୋଇଲା ଜବତ, ଜଣେ ଗିରଫ

ପଦ୍ମପୁର,୩୦।୫ (ଡି.ଏନ.ଏ.)

ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ସୋମବାର ଲୁନାରେ ଚୋରା କୋଇଲା ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଇଛାପୁରର ଦଶରଥ ଦାସ। ସୂଚନା ଅନୁଯାୟୀ, ସେ ବାଲିବିଲରୁ ଲୁନାରେ କୋଇଲା ଲଦି ଆସୁଥିବା ବେଳେ ଖବର ପାଇ ଏଏସ୍‌ଆଇ ଯତୀନ୍ଦ୍ର ନାଥ ସିଙ୍ଗୁ ଓ ହାବିଲଦାର ଭରତ ମାଝି ଇଚ୍ଛାପୁର ଛକରେ ଧରିଥିଲେ। ଗାଡ଼ିରେ ଥିବା ୨ ଶହ କିଲୋ କୋଇଲା ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୧୦୧/୨୨) ରୁଜୁ ହୋଇଛି।

## କିନ୍ନର ପାଳିଲେ ସାବିତ୍ରୀ ବ୍ରତ

ବାରିପଦା ଅଫିସ,୩୦।୫

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ତେବେ ସଦରମହକୁମା ବାରିପଦାଠାରେ ରହୁଥିବା କିନ୍ନରମାନେ ନିଷ୍ଠାର ସହ ଏହି ବ୍ରତ ପାଳନ କରିଛନ୍ତି। ପାଲବଣୀସ୍ଥିତ ଭୁବନେଶ୍ୱରୀ ମନ୍ଦିର ନିକଟକୁ ଯାଇ ସେମାନେ ନିଜ ସ୍ୱାମୀ ତଥା ଗୁରୁଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଥିଲେ। ସମାଜରେ ଅବହେଳିତ ହୋଇ ରହୁଥିବା କିନ୍ନରମାନଙ୍କୁ ଆଇନ ସହାୟତା କରୁଥିବାରୁ ପରିବାର ଓ ଦେଶବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ବିବାହିତ ମହିଳାଙ୍କ ପରି କିନ୍ନରମାନେ ମଧ୍ୟ ଏହି ପର୍ବ ପାଳନ କରି ବେଶ୍ ଆନନ୍ଦିତ ହୋଇଛନ୍ତି।

ସେହିପରି ଜାଗ ମୟୂରଭଞ୍ଜ ଜାଗ ସଙ୍ଗଠନ ପକ୍ଷରୁ ଅତି ଗରିବ ମହିଳାମାନଙ୍କ ନିମନ୍ତେ ବ୍ରତ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟ ପରିସରରେ ସଙ୍ଗଠନର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାବିତ୍ରୀ ସଜ ପ୍ରଦାନ କରାଯାଇ ପୂଜାପାଠ କରାଯାଇଛି। ସେହିପରି ବାରିପଦା ସହରରେ ଥିବା ବିଭିନ୍ନ ମନ୍ଦିରରେ ବ୍ରତଧାରୀମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ଧରି ମହିଳାମାନେ ଘରେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ଚଳିତବର୍ଷ କଟକଣା କୋହଳ ହୋଇଥିବାରୁ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରିଛନ୍ତି।

## ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ନକଲି ଜର୍ଦ୍ଦା ଜବତ

ଭଦ୍ରକ ଅଫିସ, ୩୦।୫

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ମିର୍ଜାପୁର ଚିଡ଼ିଆସାହିରୁ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ନକଲି ଜର୍ଦ୍ଦା ପୋଲିସ ଜବତ କରିଛି। ଉକ୍ତ ସାହିର ଜଣେ ବ୍ୟକ୍ତିଙ୍କ ଘରେ ନକଲି ଜର୍ଦ୍ଦା ପ୍ରସ୍ତୁତ ଚାଲିଥିବା ଖବର ପାଇ ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲା। ବିଭିନ୍ନ ନାମୀଦାମୀ କମ୍ପାନୀର ଡବା ସହ ନକଲି ଜର୍ଦ୍ଦା ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଜବତ ହୋଇଥିବା ଜର୍ଦ୍ଦାର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏନେଇ ଥାନାରେ ମାମଲା (ନଂ.୧୨୩/୨୨) ରୁଜୁ କରାଯାଇଛି।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ମହାତ୍ମାଗାନ୍ଧୀ ମାର୍ଗ ଫଳକ ଉପରୁ ଆବଦ୍ଧ ହଟାଇବାକୁ ଦାବି**

ଖଇରା,୩୦।୫(ଡି.ଏନ.ଏ.)


ତୁଡ଼ିଗଡ଼ିଆ ନିକଟରେ ଫଳକକୁ ଦୋକାନୀମାନେ ଅବରୋଧ କରି ରଖିଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକକୁ ଜିଲା ସଦରମହକୁମା ସହ ସଂଯୋଗ କରୁଥିବା ସୋର-କୁପାରୀ ୫୭ନଂ. ରାଜ୍ୟ ରାଜପଥକୁ ମହାତ୍ମାଗାନ୍ଧୀ ମାର୍ଗ ଭାବେ ଘୋଷଣା କରାଯିବା ପାଖାପାଖି ୬ବର୍ଷ ଅତିକ୍ରମ କଲାଣି। ହେଲେ ଲଗାଯାଇଥିବା ଫଳକକୁ ଅଧିକାଂଶ ସ୍ଥାନରେ କିଛି ବ୍ୟବସାୟୀ ଆବଦ୍ଧ କରିଛନ୍ତି। ଯେଉଁ ଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ରାସ୍ତାର ନାମକୁ ନେଇ ଭ୍ରମରେ ପଡୁଛନ୍ତି। ଏହାକୁ ନେଇ ଖଇରା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିବା ସହ ଆବଦ୍ଧକୁ ହଟାଇବାକୁ ରାଜସ୍ୱ ବିଭାଗ ନିକଟରେ ଦାବି କରିଛନ୍ତି। ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତାମାନେ ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟଉପରେ ଆଲୋଚନା କରିବା ସହ ଏହି ଫଳକ ଆବଦ୍ଧ ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ରହିଥିଲା। ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥୀ,ଜଗତାନନ୍ଦ ମହାପାତ୍ର,ଅନ୍ତର୍ଯ୍ୟାମୀ ପାତ୍ର,ସନ୍ତୋଷ କୁମାର ଶତପଥୀ, ବିଷ୍ଣୁମୋହନ ଶତପଥୀ, ବସନ୍ତ ଖ୍ୱିଲାର, ଅରୁଣ କୁମାର ସ୍ୱାଇଁ, କୈଳାସ ପୃଷ୍ଟି, ନାରାୟଣ ପେଡ଼ା,ମହେନ୍ଦ୍ର ସେନାପତି, ଅନାମ ଚରଣ ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶେଷ ସନ୍ଧ୍ୟାରେ ଜମିଲା ନୃତ୍ୟ,ସଙ୍ଗୀତ

ବାଲେଶ୍ୱର ଅଫିସ,୩୦।୫


ଜଉ କଣ୍ଢେଇ ବାହାଘର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଜଉ କଣ୍ଢେଇ ବାହାଘର ଉତ୍ସବ ଉଦ୍‌ଯାପିତ**

ବାଲେଶ୍ୱର ସହରସ୍ଥିତ ଆଇଟିଆଇ ପଡ଼ିଆରେ ୫ ଦିନ ବ୍ୟାପି ଚାଲିଥିବା ଦ୍ୱାଦଶ ଜଉ କଣ୍ଢେଇ ବାହାଘର ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୀତ ଗୋବିନ୍ଦର ସ୍ରଷ୍ଟା ଜୟଦେବଙ୍କ ସହ ବୈଦିକ ରୀତି ନୀତିରେ ପଦ୍ମାବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବା ସଙ୍ଗେ ସଙ୍ଗେ ଏହି ମହାନ ଗଣପର୍ବର ପରିସମାପ୍ତି ହୋଇଥିଲା। ୨୦୦ରୁ ଅଧିକ ଦୋକାନ ସହ ମିନାବଜାର ଲୋକମାନଙ୍କୁ ଉତ୍ସାହିତ କରିଥିଲା। ସହର ଓ ସହର ବାହାରୁ ହଜାର ହଜାର ଲୋକ ସପରିବାର ଏହି ପର୍ବକୁ ଉପଭୋଗ କରିଥିଲେ। ବିଶେଷ ଭାବରେ ଛୋଟ ଛୋଟ ପିଲାମାନଙ୍କର ବିଳମ୍ବିତ ରାତିଯାଏଁ ମେଳାରେ ବୁଲିବା ଲାଗି ରହିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ବ୍ୟତୀତ ସରକାରଙ୍କ ପକ୍ଷରୁ କଳା ଓ ସଂସ୍କୃତିର ଷ୍ଟଲମାନ ମଧ୍ୟ ଲୋକଙ୍କୁ ଆକର୍ଷିତ କରିଥିଲା।

୨୯ ତାରିଖ ସନ୍ଧ୍ୟାରେ ଅତିଥି ଭାବରେ ବିଶିଷ୍ଟ ଗବେଷକ ଡ.ଅରବିନ୍ଦ ଗିରି ଯୋଗଦେଇ ବାଲେଶ୍ୱରର ଜଉ କଣ୍ଢେଇ ସଂସ୍କୃତି ଓ ଶିଳ୍ପ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ କବି ପ୍ରଶାନ୍ତ ଦାସ, ଯୁବ ଉଦ୍ୟୋଗୀ ସଂଗ୍ରାମ ଦାସ, ଆଇଟିଆଇ ବାଲେଶ୍ୱରର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପରିଡ଼ା, ବର ପିତାମାତା କୈଳାଶ ଚନ୍ଦ୍ର ପରିଡ଼ା ଓ ସୁପ୍ରିୟା ପରିଡ଼ା, କନ୍ୟା ପିତାମାତା ମଦନ ସରାଓଗି ଓ ଅଞ୍ଜୁ ସରାଓଗି, ଲୋକ ସମ୍ପର୍କ ପଦାଧିକାରୀ ମନୋଜ କୁମାର ପାଢ଼ୀ ଯୋଗଦେଇ ଜଉ କଣ୍ଢେଇ ବାହାଘରର ଭୂୟଶୀ ପ୍ରଶଂସା କରିଥିଲେ। ଜଉ କଣ୍ଢେଇ ଉତ୍ସବ ସମିତିର ସଭାନେତ୍ରୀ ସୁବାସିନୀ ଜେନା ଏଥିରେ ପୌରହିତ୍ୟ କରିଥିଲେ। ସମିତିର ଉପଦେଷ୍ଟା ଇଂ. ହୃଷିକେଶ ସାହୁ ପ୍ରାରମ୍ଭିକ ସୂଚନା ଓ ସହ ସମ୍ପାଦକ ରାଜେଶ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଟିଆଇର ଅଧ୍ୟକ୍ଷ କୃଷ୍ଣ ଚରଣ ରାଉତ ଓ ରାଧାନାଥ ରଥଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷ ସନ୍ଧ୍ୟାର ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ବାଲେଶ୍ୱରବାସୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ସମାରୋହକୁ ସଫଳ କରିବା ଦିଗରେ ଶିଳ୍ପୀ କେଶୁଦାସ, ବ୍ରହ୍ମ ରଥ, ରଘୁନାଥ ଲେଙ୍କା, ପରେଶ ଦାସ, ଉପେନ୍ଦ୍ର କୁମାର ପାତ୍ର, ବ୍ୟୋମକେଶ ରଥ, କୁମାର ଗୋପାଳ, ରାଧାକୃଷ୍ଣ ଦାସ, ହୃଷିକେଶ ସାହୁ, ରାଧାନାଥ ରଥ, ଆଲୋକ କୁମାର ସାହୁ ପ୍ରମୁଖ ବହୁ ସଦସ୍ୟଙ୍କ ସହ ମାରୱାଡ଼ି ମହିଳା ସମ୍ମେଳନର ସଭାନେତ୍ରୀ ପ୍ରିୟା ଅଗ୍ରୱାଲ ଓ ମାରୁଆଡ଼ି ସମାଜର ସଦସ୍ୟମାନେ ସହଯୋଗ କରିଥିଲେ।

## ଯୁବତୀଙ୍କୁ ଅପହରଣ ଅଭିଯୋଗ

କୁଳିଅଣା,୩୦।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳର ଜନୈକା ୨୦ବର୍ଷ ବୟସ୍କା ଯୁବତୀଙ୍କୁ ଅପହରଣ ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଅଧୀନ ଇନ୍ଦଖାହି ଗ୍ରାମର କ୍ଲିଷ୍ଟନ ବେହେରା। ଏନେଇ ଥାନାରେ ଏକ ମାମଲା(ନଂ.୮୮/୨୨) ରୁଜୁ ହୋଇଛି। ଗତ ୧୯ ତାରିଖ ରାତିରେ ଯୁବତୀ ଜଣକ ବାହରକୁ ଉଠିଥିବା ବେଳେ ଅଭିଯୁକ୍ତ ତାଙ୍କୁ ଜୋର ଜବରଦସ୍ତ ଟେକି ନେଇ ବୋଲେରୋ ଯୋଗେ ନିଜ ଘରେ ଗୃହବନ୍ଦୀ କରି ରଖିଥିଲେ। ଯୁବତୀ ଜଣକ ଫୋନ ଯୋଗେ ଏକଥା ତାଙ୍କ ବାପାଙ୍କୁ ଜଣାଇବାରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


IIIT Bhubaneswar
Imagine, Innovate, Inspire
(A University established by Government of Odisha)

**Admission Announcement**

IIIT Bhubaneswar announces admission to the following programmes

- **Doctoral Programme**
  Leading to Ph.D. Degree
- **M.Tech. Programme**
  Computer Science and Engineering

Information Brochure and details of the programmes are available in the Institute Website.

**Phone : 0674 - 2653305/2653308**
**E-mail : admission@iiit-bh.ac.in**
**Home page : www.iiit-bh.ac.in**

IIIT Bhubaneswar, Gothapatna, PO: Malipada
Bhubaneswar-751003, India

ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ମେ ୨୦୨୨



## ଗୋରୁ ବୋଝେଇ ଗାଡ଼ି ଜବତ

ରୂପ୍‌ସା,(ଡି.ଏନ.ଏ.)- ବାଲେଶ୍ୱର ଜିଲା ୬୦ନଂ, ଜାତୀୟ ରାଜପଥର ବସ୍ତା ଥାନା ମଥାନୀ ବାଇପାସଠାରେ ସୋମବାର ଏକ ବେଆଇନ ଗୋରୁ ବୋଝେଇ ଭ୍ୟାନ ଜବତ ହୋଇଛି।। ସେଥିରେ ଥିବା ୮ଟି ଗୋରୁ ଉଦ୍ଧାର କରାଯାଇ ଗୋଶାଳାକୁ ପଠାଯାଇଛି। ଶ୍ରୀରାମ ସେନା ଦଳ ଏହି ଭ୍ୟାନକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ୨ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ୬୦ ହଜାର ଲୁଟ୍

ବାଲେଶ୍ୱର ଅଫିସ,୩୦।୫- ବାଲେଶ୍ୱର ସଦର ବ୍ଲକ ଅଧୀନ ସଲଟରୋଡ୍ ରାସ୍ତାର ଇସାଣି ନିକଟରେ ସୋମବାର ପୂର୍ବାହ୍ନରେ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୬୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। କେରଳ ରାଜ୍ୟର ସିମିତି ଦେବଶୀ ନାମକ ଜଣେ ବ୍ୟକ୍ତି ଚିଙ୍ଗୁଡ଼ି ବ୍ୟବସାୟୀମାନଙ୍କୁ ଦୀର୍ଘ ଦିନ ହେଲା ବିଭିନ୍ନ ଔଷଧ ଯୋଗାଇ ଅସୁଥିଲେ। ବ୍ୟବସାୟୀଙ୍କଠାରୁ ଔଷଧ ବାବଦରେ ଟଙ୍କା ସଂଗ୍ରହ କରି ଫେରୁଥିବା ବେଳେ ୩/୪ ଜଣ ଦୁର୍ବୃତ୍ତ ତାଙ୍କୁ ରାସ୍ତାରେ ଅଟକାଇବା ସହ ମାରଣାସ୍ତ୍ର ଦେଖାଇ ସେଠାରୁ ତାଙ୍କୁ ଉଠାଇ ନେଇଥିଲେ। କିଛି ଦୂରରେ ତାଙ୍କୁ ମାଡ଼ ମାରି ୬୦ ହଜାର ଟଙ୍କା ଲୁଟି ନେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଛି।

### କ୍ଷତାକ୍ତ ହରିଣକୁ ଉଦ୍ଧାର କଲା ବନ ବିଭାଗ

ପାଟଣା, ୩୦।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ସାହାରପଡା ସେକ୍ସନ ରାଇଡିହା ବିଟ୍ ମେଦିନିପୁର ଜାରକାଣି ବେଡା ଗ୍ରାମରୁ ସୋମବାର ସକାଳୁ ଏକ କ୍ଷତାକ୍ତ ହରିଣକୁ ବନ ବିଭାଗ ଉଦ୍ଧାର କରିଛି। ହରିଣଟି ଗାଁ ଭିତରକୁ ଚାଲି ଆସିଥିବା ବେଳେ ତାଙ୍କୁ କୁକୁର ମାନେ ପିଛା କରି ଆକ୍ରମଣ କରିଥିଲେ। ହରିଣଟି ଗାଁ ମୁଣ୍ଡରେ ଏକ ଗଛତଳେ ଆଶ୍ରୟ ନେଇଥିବା ବେଳେ ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ପକ୍ଷରୁ ବନପାଳ ମୋହିନୀ ମହାନ୍ତ, ଗାର୍ଡ ନିରୁପମା ମହାକୁଡ଼ ପହଞ୍ଚି ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ହରିଣକୁ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଚିକିତ୍ସା ଜାରି ରହିଥିବା ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ହରିଣଟି ସମ୍ପୂର୍ଣ୍ଣ ସୁସ୍ଥ ହେଲେ ତାକୁ ସୁରକ୍ଷିତ ଭାବେ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବ କୁହାଯାଇଛି।

### ଦାଦନ ଖଟିବାକୁ ଯାଇଥିବା ଯୁବତୀଙ୍କ ମୃତ୍ୟୁ

କେନ୍ଦୁଝର, ୩୦।୫(ସ୍ୱ.ପ୍ର.): ବାଙ୍ଗାଲୋରକୁ କାମ କରିବାକୁ ଯାଇଥିବା ବାଂଶପାଳ ବ୍ଲକର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ମନ୍ଦାକିନୀ ଭିତିରିଆ। ସେ ତିନି ମାସ ତଳେ ସିଲେଇ କାମ କରିବାକୁ ଭଉଣୀ ସଙ୍ଗେ ଯାଇଥିଲେ। ଝାଡାବାନ୍ତି ହେବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଗତ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ତରମା କାନ୍ତ ପଞ୍ଚାୟତ ସମିତି ସଭ୍ୟ ଅଜିତ ନାୟକ କହିଛନ୍ତି। ତାଙ୍କ ମୃତ ଦେହ ଫେରାଇ ଆଣିବାକୁ ତାଙ୍କ ପରିବାର ପକ୍ଷରୁ ପ୍ରଶାସନଙ୍କୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ କିଛିଦିନ ତଳେ ଉକ୍ତ ବ୍ଲକର ଅନ୍ୟ ଜଣେ ଯୁବତୀଙ୍କ ବାଙ୍ଗାଲୋରକୁ କାମ କରିବାକୁ ଯାଇ ମୃତ୍ୟୁ ହୋଇଥିଲା। ଏନେଇ ଗ୍ରାମର ଶୋକର ଛାୟା ଖେଳିଯାଇଛି।

### ବିଦ୍ୟୁତ୍ ଆଘାତରେ ରାଜମିସ୍ତ୍ରି ମୃତ

ରାଇରଙ୍ଗପୁର,୩୦।୫ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ସୁଣ୍ଢେଲ ଗ୍ରାମାଞ୍ଚଳରେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ଏଠାରେ ନବନିର୍ମିତ ଏକଲବ୍ୟ ଶିକ୍ଷାନୁଷ୍ଠାନରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାଯାଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଆଦିତ୍ୟ କୁମାର ଝା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଗୁରୁତର

ପାଟଣା,୩୦।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ବଡ଼ ଗମ୍ଭାରୀଆ ଗାଁ ଉପର ସାହିରେ ସୋମବାର ପୂର୍ବାହ୍ନରେ ଛାତ ଉପରକୁ ଉଠି ଆମ୍ବ ତୋଳିବା ସମୟରେ ଛାତ ଉପରେ ଯାଇଥିବା ୧୧କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଲେ ଗ୍ରାମର ଜୟହରି ନାଏକ(୪୨)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

## ସିଦ୍ଧମଠ ଔଷଧୀୟ ବଗିଚାର ପୁନରୁଦ୍ଧାର ଦାବି

କେନ୍ଦୁଝର, ୩୦।୫(ସ୍ୱ.ପ୍ର.)

କେନ୍ଦୁଝର ପୁରୁଣାବଜାର ଠାରେ ଥିବା ପ୍ରାଚୀନ ଧାର୍ମିକ ପୀଠ ସିଦ୍ଧମଠ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇପଡିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଶ ମଧ୍ୟରେ ଥିବା ଏହି ସ୍ଥାନଟି ପ୍ରଶାସନର ଅବହେଳା ଯୋଗୁ ନଷ୍ଟ ହେବାକୁ ବସିଥିବା ବେଳେ ଏଠାରେ ଥିବା ବୃହତ୍ତ ଔଷଧୀୟ ବଗିଚା ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ବନ ବିଭାଗ ପକ୍ଷରୁ ପରିବେଶର ସୁରକ୍ଷା ପାଇଁ ବ୍ୟାପକ ବନୀକରଣ କରିବା ସହ ଔଷଧୀୟ ବୃକ୍ଷ ବନୀକରଣ କରୁଛନ୍ତି ଏବଂ ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷରୋପଣ ହୋଇଥିଲା। କିନ୍ତୁ କେନ୍ଦୁଝରର ଏହି ପୁରାତନ ଔଷଧୀୟ ବଗିଚାର ପୁନରୁଦ୍ଧାର ନ କରି ଅନ୍ୟାନ୍ୟ ଅଞ୍ଚଳରେ ନୂତନ ଔଷଧୀୟ ବଗିଚା ନିର୍ମାଣ ଚାଲିଛି। ଶାନ୍ତ ସରଳ ପରିବେଶ ସାଙ୍ଗକୁ ଏଠାରେ ଥିବା ଔଷଧୀୟ ବଗିଚା, ପ୍ରାକୃତିକ ସୌନ୍ଦର୍ଯ୍ୟ


ସିଦ୍ଧମଠରେ ଥିବା ଔଷଧୀୟ ଗଛ।

ତଥା ସହରାଞ୍ଚଳର ବ୍ୟସ୍ତତା ଜୀବନ ଅନେକଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ଥିବା ପ୍ରାୟ ୨ ହେକ୍ଟର ପରିମିତ ଔଷଧୀୟ ବଗିଚାରେ ଆଗରୁ ରକ୍ତ ଚନ୍ଦନ, ଶ୍ୱେତ ଚନ୍ଦନ, ନାଗେଶ୍ୱର, ଚମ୍ପା, ମୁଚୁକୁନ୍ଦ, ହରିଡା, ବାହାଡା, ଅଁଳା, ଅର୍ଜୁନ, ନିମ୍ବ, କରଞ୍ଜ, ଓଡସମାରୀ, ଅସନ, ଭାଲିଆ ଆଦି ବହୁ ଔଷଧୀୟ ବୃକ୍ଷ ଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବ ସାଙ୍ଗକୁ ସୁରକ୍ଷା ଅଭାବରୁ ଏଠାରେ ଥିବା ବୃହତ ମୂଲ୍ୟବାନ ଚନ୍ଦନ ବଗିଚା ଚୋରି ହୋଇ ଲୋପ ପାଇଯାଇଥିବା ବେଳେ ଅନ୍ୟ ଉପାଦେୟ ବୃକ୍ଷ ଲୋପପାଇବାକୁ ବସିଛି। ଏହାର ପରିସର ଉନ୍ମୁକ୍ତ ହୋଇ ପଡିଥିବାବେଳେ ସୁରକ୍ଷା ପାଚେରୀ, ଘର ଆଦି ଧ୍ୱସ୍ତ ହୋଇଗଲାଣି। ଉକ୍ତ ବାଗାନକୁ ସୁରକ୍ଷା କରିବା ସହ ପୁନଃ ଔଷଧୀୟ ବୃକ୍ଷରୋପଣ କରାଯାଇପାରିଲେ ଏହା ଜିଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଲୋକପ୍ରିୟ ବଗିଚା ହୋଇପାରିବ। ଚୁଲିଆ ପର୍ବତମାଳା ପାଦ ଦେଶରେ ଓ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଏହି ସିଦ୍ଧ ସାଧନର ଐତିହାସିକ ଓ ପୌରାଣିକ ପୀଠ ସିଦ୍ଧ ମଠରେ ବହୁ ପୂର୍ବରୁ ସାଧୁସନ୍ଥ ମାନେ ସାଧନା କରୁଥିଲେ। ଏହି ଧାର୍ମିକ ପୀଠ ପରିସରରେ ସିଦ୍ଧ ଜଗନ୍ନାଥ, ସିଦ୍ଧ କାଳୀ, ସିଦ୍ଧ ହନୁମାନ, ସିଦ୍ଧ ଶିବ ବହୁ ଆଗରୁ ପୂଜାପାଇ ଆସୁଥିବା ବେଳେ ଏବେ ଏହି ପରିସରରେ ଶନି ଓ ସାଇ ବାବାଙ୍କ ମନ୍ଦିର ରହିଛି। ଯଦିଓ ମନ୍ଦିର ଗୁଡିକ ଦେବୋତ୍ତର ବିଭାଗ ଅଧୀନରେ ରହିଛି ତେବେ ଜଙ୍ଗଲ ଓ ବଗିଚା ବନ ବିଭାଗ ଅଧୀନରେ ରହିଛି। ଏଣୁ ଉଭୟ ବିଭାଗ ମଧ୍ୟରେ ସମନ୍ୱୟରେ ଏହି ବାଗାନକୁ ଅଧିକ ବିକଶିତ କରିବାକୁ ଦାବି ହେଉଛି। ଏସମ୍ପର୍କରେ କେନ୍ଦୁଝର ଡିଏଫଓ ଧନରାଜ ଏଚ.ଡି. କହିଛନ୍ତି ଯେ ଏହି ଔଷଧୀୟ ବଗିଚାର ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯିବ। କବିରାଜ ହରେକୃଷ୍ଣ ମହାନ୍ତ କହିଛନ୍ତି, ବର୍ତ୍ତମାନ ସମୟରେ ଔଷଧୀୟ ବୃକ୍ଷ ଓ ଲତା ଲୁପ୍ତ ହେବାକୁ ବସିଛି। ଏଣୁ ବହୁ ସଂଖ୍ୟାରେ ରୋପଣ କରି ବହୁ ପୁରୁଣା ସିଦ୍ଧମଠ ଔଷଧୀୟ ବଗିଚାର ସୁରକ୍ଷା କରିବା ସହ ପରିବେଶର ସୁରକ୍ଷା କରାଯାଇପାରିବ।

## ବଡ଼ଭାଇଙ୍କୁ ଆକ୍ରମଣ କରି ସାନ ଗିରଫ

ପାଟଣା, ୩୦।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ବେଗେନା ଗ୍ରାମର ଗୌତମ ମହାରଣା ତାଙ୍କ ବଡ଼ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ପାଟଣା ପୋଲିସ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୧୦ ତାରିଖରେ ଉଭୟଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳକୁ ନେଇ କୌଣସି କାରଣରୁ ବଚସା ହେବାପରେ ଗୌତମ ତାଙ୍କ ବଡ଼ଭାଇଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଗଙ୍ଗାଧରଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ପାଟଣା ଥାନାରେ ଅଭିଯୋଗ ପରେ ସାନଭାଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୬୩/୨୨) ରୁଜୁ କରାଯାଇଛି।

## ମନିପର୍ସ ପାଇ ଫେରାଇଲେ

### ସରପଞ୍ଚଙ୍କ ବଦାନ୍ୟତା

ବାଲିଆପାଳ,୩୦।୫(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ପୁଟୁରା ପଞ୍ଚାୟତର ସରପଞ୍ଚ ରାଧାକୃଷ୍ଣ ବେହେରା ରାସ୍ତାକଡ଼ରୁ ପାଇଥିବା ଏକ ମନିପର୍ସ ପାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଛନ୍ତି। ବାଲିଆପାଳ ବ୍ଲକ ସିମୁଲିଆ ବଜାର ମାଛ ମାର୍କେଟ ରାସ୍ତାରେ ଏହି ମନିପର୍ସଟି ପଡ଼ିଥିଲା। ସୋମବାର ସକାଳେ ସରପଞ୍ଚ ବେହେରା ବଜାରକୁ ଯାଇଥିବା ବେଳେ ମନିପର୍ସଟି ପାଇଥିଲେ। ସେଥିରେ ଥିବା ଏକ ସ୍କୁଟିର ରେଜିଷ୍ଟ୍ରେଶନ କାର୍ଡରୁ ଏହା ରମା ପ୍ରସାଦ ମାଇତିଙ୍କର ବୋଲି ଜାଣିବାକୁ ପାଇଥିଲେ। ଏ ବିଷୟରେ ରାଧାକୃଷ୍ଣ ବାଲିଆପାଳର ଖବର ଦାତା ଅଜୟ କୁମାର ସାହୁଙ୍କୁ ଜଣାଇଥିଲେ। ପରେ ରମା ପ୍ରସାଦ ସରପଞ୍ଚ ବେହେରାଙ୍କ ନିକଟକୁ ଆସି ମନିପର୍ସ ନେଇଥିଲେ। ଉକ୍ତ ମନିପର୍ସରେ ନଗଦ ୧୧ଶହଟଙ୍କା,ଏଟିଏମ୍ କାର୍ଡ, ଆଧାର କାର୍ଡ, ଗାଡି ରେଜିଷ୍ଟ୍ରେସନ ସ୍ମାର୍ଟ କାର୍ଡ ସହିତ ଅନ୍ୟାନ୍ୟ ଜରୁରୀ କାଗଜ ପତ୍ର ଥିଲା। ସରପଞ୍ଚଙ୍କ ଏଭଳି ବଦାନ୍ୟତାଙ୍କୁ ପ୍ରଶଂସା କରାଯାଇଛି।

## ଥାନାଠାରୁ ଫାଣ୍ଡିର ଦୂରତା ୩୦ କି.ମି.

### କୁଆମରା ଫାଣ୍ଡିରେ କର୍ମଚାରୀ ଅଭାବ



କୁଆମରା ଫାଣ୍ଡି।

କୁଆମରା,୩୦।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କୁଆମରା ଫାଣ୍ଡି ପ୍ରଶାସନିକ ଅବହେଳାର ଶିକାର ହୋଇଛି। କର୍ମଚାରୀ ଅଭାବରୁ ଏହି ଫାଣ୍ଡିରେ ଏବେ ଅଚଳାବସ୍ଥା ଦେଖାଦେଇଛି। ଗୋପବନ୍ଧୁ ନଗର ବ୍ଲକର ଶେଷ ସୀମାରେ ଅବସ୍ଥିତ ଏହି ଫାଣ୍ଡିଟି ବହୁ ପୁରୁଣା। ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା ପଞ୍ଚାୟତ ଏହି ଫାଣ୍ଡି ଅଧୀନରେ ରହିଛି। ଫାଣ୍ଡିର ଜଣେ ଇନ୍ସପେକ୍ଟରଙ୍କ ସମେତ ୬ଜଣ କନଷ୍ଟେବଲ ପଦ ଥିବା ବେଳେ ଏବେ ଦୁଇ କନଷ୍ଟେବଲ ଓ ଜଣେ ଅଫିସରଙ୍କୁ ନେଇ କାର୍ଯ୍ୟ ଚାଲିଛି। ଦୁଇ ବର୍ଷ ହେବ ୪ କନଷ୍ଟେବଲ ପଦ ଫାଙ୍କା ପଡ଼ିଛି। ଖୁଣ୍ଟା ଥାନା ଅଧୀନରେ କୁଆମରା ଓ ଡୁକୁରା ଫାଣ୍ଡି ରହିଛି। କୁଆମରା ଫାଣ୍ଡିରେ ୫୦ ପ୍ରତିଶତ ମାମଲା ବର୍ଷକୁ ରୁଜୁ ହେଉଛି। ଏହି ଫାଣ୍ଡିଟି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତରେ ରହୁଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ୪ଟି ପଞ୍ଚାୟତର ୨୫ ହଜାରରୁ ଅଧିକ ଲୋକ ସଂଖ୍ୟା ଥିବା ବେଳେ କର୍ମଚାରୀ ଅଭାବରୁ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲିଛି। ବିଗତ ବର୍ଷକ ମଧ୍ୟରେ ଅଞ୍ଚଳରେ ଚୋରି, ରାହାଜାନୀ, ଦୋକାନ ଲୁଟ ଭଳି ବିଭିନ୍ନ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇଛି। ଥାନାଠାରୁ ଫାଣ୍ଡିର ଦୂରତ୍ୱ ୩୦ କି.ମି. ହୋଇଥିବାରୁ ଜରୁରୀ ସମୟରେ ପୋଲିସ ସେବା ମିଳି ପାରୁନାହିଁ। ୨୦୦୫ରେ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ନୂତନ ଫାଣ୍ଡି ଗୃହ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ମରାମତି ଅଭାବରୁ ଛାତରୁ ପାଣି ଗଳିବା ସହ ବିଭିନ୍ନ ସମୟରେ କଂକ୍ରିଟ ଖଣ୍ଡ ଖସୁଛି। ସେହିପରି ଗତବର୍ଷ ବାତ୍ୟାରେ ଉତ୍ତର ପାର୍ଶ୍ୱ ପାଚେରି ଭୁଶୁଡ଼ି ପଡ଼ିବା ଯୋଗୁ ଏବେ ଫାଣ୍ଡିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥି ପାଇଁ କେନ୍ଦ୍ରୀୟ ଟିମ୍ ସମେତ ଜିଲାପାଳ ଓ ଏସ୍‌ପି ପରିଦର୍ଶନ କରି ଫେରିଥିଲେ ମଧ ଅଦ୍ୟାବଧି କିଛି ସୁଫଳ ମିଳିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆମ୍ ଆଦ୍‌ମୀ ପାର୍ଟିର ବୈଠକ

ରୂପସା,୩୦।୫(ଡି.ଏନ.ଏ.)

ଆମ ଆଦମୀ ପାର୍ଟି ପକ୍ଷରୁ ବାଲେଶ୍ୱର ଜିଲାର ବସ୍ତା ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ସଦାନନ୍ଦପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସରୋଜ କୁମାର ରାଉଳଙ୍କ ପୌରାହିତ୍ୟରେ ବସ୍ତା ବ୍ଲକର ୩୧ଟି ପଞ୍ଚାୟତ ଏବଂ ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗଦେଇ ଦଳର ଅଭିବୃଦ୍ଧି ଦିଗରେ ଆଲୋକପାତ କରିଥିଲେ। ଓଡ଼ିଶାରେ ଦଳ ଆଧିପତ୍ୟ ବିସ୍ତାର କରୁଥିବା ବେଳେ ବସ୍ତା ନିର୍ବାଚନ ମଣ୍ଡଳୀରେ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ। ବୈଠକରେ ମୁକୁଲୁସି ପଞ୍ଚାୟତର ସଭାପତି ରାଜକିଶୋର ପାତ୍ର, ରାଉତପଡାର ମନୋରଞ୍ଜନ ପାତ୍ର, ବରୁଣଗଡିଆର ପ୍ରଦୀପ ସେନାପତି, ବ୍ରାହ୍ମଣଦାର ସୁବାସ ଗିରି, ପତ୍ରଝଡ଼ାର ସେକ ଗୟାସୁଦ୍ଦିନ, ସଦାନନ୍ଦପୁରର ସଂଗ୍ରାମ ମିଶ୍ର, ନାଇକୁଡିର ପ୍ରତାପ ରାଉଳ, ବୋଳଂର ପଙ୍କଜ ମଣ୍ଡଳ, ସାଉଡିର ବାବୁଧର ଗୋଛାୟତ ପ୍ରମୁଖଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୁରୁଙ୍କ ଦୀର୍ଘାୟୁ ମନାସିଲେ

କେନ୍ଦୁଝର, ୩୦।୫(ଡି.ଏନ.ଏ.)

କେନ୍ଦୁଝର ଜିଲାରେ ଶତାଧିକ କିନ୍ନର ସୋମବାର ମହାଆଡମ୍ବରରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଶତାଧିକ କିନ୍ନର ସଦର ବ୍ଲକ ପଦ୍ମପୁର ପଞ୍ଚାୟତର ପୁଟୁଲିଆ ଗାଁ ଠାରେ ଏକତ୍ରିତ ହୋଇ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ସୋମବାର ଅପରାହ୍ନ ପ୍ରାୟ ତିନିଟା ସମୟରେ ଶତାଧିକ କିନ୍ନର ହାତରେ ଶଙ୍ଖା, ସିନ୍ଦୁର, ଅଳତା, ଶାଢି ଓ ବିଭିନ୍ନ ଫଳମୂଳ ଓ ପୂଜା ସାମଗ୍ରୀ ଧରି ପୁଟୁଲିଆ ଗାଁ ମୁଣ୍ଡରେ ଥିବା ଏକ ଗଛ ମୂଳରେ ଏକତ୍ରିତ ହୋଇଥିଲେ। ସେଠାରେ ପୂଜକ ପୂଜା କରି ସାରିବା ପରେ ସମସ୍ତେ ନିଜ ନିଜର ଗୁରୁମାନଙ୍କ ପାଦ ଧୋଇ ସେହି ପାଦ ଧୂଆ ପାଣିକୁ ପ୍ରସାଦ ଭାବରେ ଗ୍ରହଣ କରିବା ସହ ସିନ୍ଦୁର ପିନ୍ଧି ପୂଜାର୍ଚ୍ଚନା କରି ଗୁରୁଙ୍କର ଦୀର୍ଘାୟୁ କାମନା କରିଥିଲେ।


ପୂଜା ପାଇଁ ଏକାଠି ହୋଇଥିବା କିନ୍ନରମାନେ।

## ସାବିତ୍ରୀ ବ୍ରତ ପାଇଁ ମନ୍ଦିର ଚଳଚଞ୍ଚଳ

ମୋରଡ଼ା, ୩୦।୫ (ଡି.ଏନ.ଏ.)

ସାବିତ୍ରୀ ବ୍ରତ ପାଇଁ ମୟୂରଭଞ୍ଜ ଜିଲା ମୋରଡା ବ୍ଲକରେ ଥିବା ବିଭିନ୍ନ ମନ୍ଦିର ଗୁଡିକ ସୋମବାର ଚଳଚଞ୍ଚଳ ହୋଇଉଠିଥିଲା। କରୋନା ପାଇଁ ଦୁଇ ବର୍ଷ ହେବ ମନ୍ଦିରଗୁଡିକରେ ସାବିତ୍ରୀ ବ୍ରତ ପାଳନ ବନ୍ଦ ଥିବା ବେଳେ ଚଳିତବର୍ଷ ଚିତ୍ରଡା, ମୋରଡା, ଦାନ୍ତିଆମୁହାଁ, ବାରମାଇଲ, ପାରିଆକୁଲି, ଛୋଟରାଇପୁରରେ ଥିବା ମନ୍ଦିର ଗୁଡିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଚିତ୍ରଡାର ଶ୍ରୀ ଜଗନ୍ନାଥ ମନ୍ଦିର, ଚିତ୍ରେଶ୍ୱର ଶୈବ ପୀଠ, ବରକନ୍ଦର ବାବା କୁସମେଶ୍ୱର ଶୈବପୀଠ, ପାରିଆକୁଲିର ପାରେଶ୍ୱର ମନ୍ଦିରରେ ସକାଳ ଛଅ ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା।

## କେନ୍ଦୁଝରରେ ଜାତୀୟ ଜନଜାତି କମିଶନ ସଦସ୍ୟଙ୍କ ଶୁଣାଣି

କେନ୍ଦୁଝର, ୩୦।୫(ସ୍ୱ.ପ୍ର./ ଡି.ଏନ.ଏ.)

ଜାତୀୟ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ସୋମବାର କେନ୍ଦୁଝର ଗସ୍ତରେ ଆସି ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ସର୍କିଟ ହାଉସରେ ଶୁଣାଣି କରିଛନ୍ତି। ଯୋଡ଼ା ବ୍ଲକ ବେଲକୁଣ୍ଡି ଠାରେ ଥିବା ଓଏମ୍‌ଡିସି ଠାକୁରାଣୀ ଖଣିର ବର୍ଜ୍ୟବସ୍ତୁ ଯୋଗୁ ଦଲକି-ବେଲକୁଣ୍ଡି ନାଳ ପୋତି ହୋଇଥିବା ଏବଂ ଆଦିବାସୀ ଲୋକଙ୍କ ଜମି କ୍ଷତିଗ୍ରସ୍ତ ହେଉଥିବା ନେଇ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ତଦନ୍ତ କରି ରିପୋର୍ଟ ଦାଖଲ କରିବା ସହ ପଦକ୍ଷେପ ନେବାକୁ କମିଶନ ଆଦେଶ କରିଥିଲେ। ଏହି ଅଭିଯୋଗକୁ ନେଇ ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଓ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଉପସ୍ଥିତ ରହି ସେମାନଙ୍କ ରିପୋର୍ଟ ପ୍ରଦାନ କରି ପକ୍ଷ ରଖିଥିଲେ। ପ୍ରକାଶ ଯେ, ଖଣିର ବର୍ଜ୍ୟବସ୍ତୁ ଯୋଗୁ ସ୍ଥାନୀୟ ଆଦିବାସୀ ଲୋକଙ୍କର ହୋଇଥିବା କ୍ଷୟକ୍ଷତି ବାବଦକୁ କୌଣସି କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଥିଲା। ଏହି ଶୁଣାଣି ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଦିଆଯାଇଥିବା ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ ପରେ କମିଶନ ଉକ୍ତ ରିପୋର୍ଟକୁ ଆଧାର କରି ପରବର୍ତ୍ତି ନିଷ୍ପତ୍ତି ନେବବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ କେନ୍ଦୁଝର ଜିଲା ଖଣି ଏବଂ ଶିଳ୍ପ ପ୍ରବଣ ଜିଲ୍ଲା ହୋଇଥିବାରୁ ପ୍ରଦୂଷଣ ରୋକିବା ପାଇଁ କି କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ କମିଶନ ସଦସ୍ୟ ନାୟକ ଙ୍କୁ ଅବଗତ କରିଥିଲେ। ଖଣି ଓ ଶିଳ୍ପ ଜନିତ କାରଣରୁ ଆଦିବାସୀଙ୍କ ଜୀବନ ଜୀବକା ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନ ସଦସ୍ୟ କହିଥିଲେ। ଜିଲାରେ ଅନେକ ଖଣି ଆଦିବାସୀଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେଉନଥିବାରୁ କମିଶନ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ।

## ତାରିଣୀଙ୍କ ପୀଠର ଉନ୍ନୟନ କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କେନ୍ଦୁଝର, ୩୦।୫(ଡି.ଏନ.ଏ.): କେନ୍ଦୁଝରର ଆରାଧ୍ୟା ଦେବୀ ମା' ତାରିଣୀଙ୍କ ଘଟଗାଁ ପୀଠର ସର୍ବାଙ୍ଗୀନ ଉନ୍ନୟନ କାର୍ଯ୍ୟ ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୪୦ କୋଟି ଟଙ୍କା ମଞ୍ଜୁର କରିଥିବାରୁ ଜିଲା ବିଜେଡି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ନବକଳେବର କାର୍ଯ୍ୟକୁ ୪୦ଦିନ ଭିତରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସରକାର ଘଟଗାଁ ତାରିଣୀ ପୀଠକୁ ବହୁମୁଖୀ ପ୍ରକଳ୍ପରେ ସାମିଲ କରିଥିବାରୁ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ମନ୍ତ୍ରୀ, ସମସ୍ତ ବିଧାୟକ, ଏମ୍‌ପିଙ୍କ ସମେତ ବିଜେଡିର ବହୁ ନେତା ଖୁସିବ୍ୟକ୍ତ କରିଛନ୍ତି।

## ପିଏମ୍ କେୟାର୍ସ ଯୋଜନାରେ ୩ ପିଲା ସାମିଲ

ବାଲେଶ୍ୱର ଅଫିସ,୩୦।୫

କୋଭିଡ୍ ସଂକ୍ରମଣରେ ଉଭୟ ପିତାମାତାଙ୍କୁ ହରାଇ ପିତୃମାତୃହୀନ ହୋଇଥିବା ପିଲାମାନଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ 'ପିଏମ କେୟାର୍ସ ଫର ଚିଲଡ୍ରେନ' ଯୋଜନାରେ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏଭଳି ପିଲାମାନଙ୍କୁ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ବାଲେଶ୍ୱର ଏନ୍‌ଆଇସି କାର୍ଯ୍ୟାଳୟ ଭିଡିଓ କନଫରେନ୍ସିଂ ହଲରେ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଧାୟକ ସ୍ୱରୂପ କୁମାର ଦାସ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଏହି ଯୋଜନାରେ ସାମିଲ ଜିଲାର ୩ ପିଲାଙ୍କୁ ପିଏମ କେୟାର୍ସ ପାସବୁକ୍, ସାର୍ଟିଫିକେଟ୍, ସ୍ୱାସ୍ଥ୍ୟବୀମା କାର୍ଡ, ସହାୟତା କିଟ୍ ପ୍ରଦାନ କରିଥିଲେ।

## ଖଇରା ମହାବିଦ୍ୟାଳୟର ବାର୍ଷିକୋତ୍ସବ

### ଫୁଲତୋଡ଼ା ବଦଳରେ ଫୁଲଚାରା ବଣ୍ଟନ

ଖଇରା,୩୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟର ୪୨ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜର ସାମଗ୍ରିକ ଉନ୍ନତି ପାଇଁ ଉଭୟ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କର ଅବଦାନ ରହିଛି। ଏଣୁ ସେମାନେ କର୍ମ ଓ ଲକ୍ଷ୍ୟ ସ୍ଥିର କରି ଦୃଢ ମନୋବଳ ନେଇ ଆଗେଇବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡ଼ା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ପ୍ରାକ୍ତନ ସିଡିପିଓ ତଥା ସମିତି ସଭ୍ୟା ନର୍ମଦା ଦେଓ,ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ସଂସଦର ଉପଦେଷ୍ଟା କମଳାକାନ୍ତ ପତି ବାର୍ଷିକ ବିବରଣୀ ପାଠ, ନିରଞ୍ଜନ ପଣ୍ଡା ବେଦପାଠ, ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଏବଂ ସହଉପଦେଷ୍ଟା ରୀତାଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଖଇରା କଲେଜ ଇତିହାସରେ ଏକ ନୂଆ ପରମ୍ପରା ଦେଖିବାକୁ ମିଳିଛି। ପୂର୍ବରୁ ସଭାମଞ୍ଚରେ ଉପସ୍ଥିତ ଅତିଥିମାନଙ୍କୁ ଫୁଲ ତୋଡ଼ା ଦିଆଯିବା ପରମ୍ପରା ଥିବା ବେଳେ ସୋମବାର ସଭାରେ ଛାତ୍ରୀମାନେ ଏହି ପ୍ରଚଳିତ ଧାରାକୁ ବଦଳାଇ ଅତିଥିଙ୍କୁ ଫୁଲଚାରା ବଣ୍ଟନ କରିଥିଲେ।



## ସମାଧି ଉପରେ ଖେଳପଡ଼ିଆ

- ମୃତଦେହ ପାଇଁ ଜାଗା ନାହିଁ
- ବଢୁଛି ଜନଅସନ୍ତୋଷ

ଧାମନଗର,୩୦।୫ (ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଛତ୍ରପଦା ଶ୍ମଶାନରେ ଖେଳପଡ଼ିଆ ତିଆରି ହେଉଛି। ସମାଧି ଉପରେ ଖେଳପଡ଼ିଆର ଉନ୍ନତୀକରଣ ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖାତା ନଂ. ୩୬୨ (ରକ୍ଷିତ)ରେ ପ୍ଲଟ ନଂ. ୪୧୬ ସର୍ବସାଧାରଣ ଯୋଗ୍ୟ (ଶ୍ମଶାନ)ରେ ଲାଗିଥିବା ଫଳକରୁ ଜଣାଯାଏ ଯେ, ଏହି କାର୍ଯ୍ୟ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ପଞ୍ଚାୟତ ସମିତି ପକ୍ଷରୁ ୯ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ରଖାଯାଇଛି। କିନ୍ତୁ ପ୍ଲଟ ନଂ. ୨୪୧ ପତିତ କିସମ ଥାଇ ୬୧ ଡିସିମିଲ ଖେଳପଡ଼ିଆ ପାଇଁ ଉଦ୍ଦିଷ୍ଟ ଅଛି। ମାତ୍ର ପଞ୍ଚାୟତ ସମିତି ପକ୍ଷରୁ ମଶାଣିକୁ ଖେଳପଡ଼ିଆ କରାଯାଉଥିବାରୁ ଶବଦାହ କରିବାକୁ ସମସ୍ୟା ସୃଷ୍ଟି ହୋଇଛି। ପ୍ରକାଶ ଯେ, ନିକଟରେ ଛତ୍ରପଦା ଗାଁର ଉର୍ମିଳା ନାୟକଙ୍କ ଦେହାନ୍ତ ପରେ ଅନ୍ତିମ ସଂସ୍କାର ପାଇଁ ଗାଁ ମଶାଣି ନାହିଁ ଜାଣିବା ପରେ ନିଜ ଘର ବାଡ଼ିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଉର୍ମିଳାଙ୍କ ଶେଷ ଇଚ୍ଛା ଥିଲା ସ୍ୱାମୀଙ୍କ ସମାଧି ନିକଟରେ ତାଙ୍କର ସମାଧି ହେବ। ଏକଥା ମୃତ୍ୟୁ ପୂର୍ବରୁ ସେ ତାଙ୍କ ପୁଅ ଓ ନାତିଙ୍କୁ କହିଥିଲେ। କିନ୍ତୁ ତାଙ୍କର ଶେଷ ଇଚ୍ଛା କେବଳ ଇଚ୍ଛାରେ ହିଁ ରହିଗଲା। ପଞ୍ଚାୟତ ସମିତି ପକ୍ଷରୁ ବହୁ ବର୍ଷର ଶହ ଶହ ସମାଧି ଭାଙ୍ଗି ଡ୍ରୋଜର୍ ଓ ଟ୍ରାକ୍ଟର ସାହାଯ୍ୟରେ ଠିକାଦାରଙ୍କ ଦ୍ୱାରା ମାଟି ପକାଯାଇ ଖେଳପଡ଼ିଆ ଉନ୍ନତୀକରଣ କାମ କରାଯାଉଛି। କିଛିଦିନ ତଳେ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଓ ସ୍ଥାନୀୟ ସମିତିସଭ୍ୟ ସୂର୍ଯ୍ୟ ନାୟକ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଶ୍ମଶାନରେ ଖେଳପଡ଼ିଆ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶ୍ମଶାନ ଯଦି ଖେଳପଡ଼ିଆ ହେବ ତେବେ ଶବଦାହ କେଉଁଠି ହେବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଡିଓ ଦୁର୍ଗା ମୁର୍ମୁ କହିଛନ୍ତି, କାର୍ଯ୍ୟ ହେଉଥିବା ସ୍ଥାନଟି କେଉଁ କିସମର ଜଣାନାହିଁ। ତହସିଲଦାରଙ୍କ ନିର୍ଦ୍ଦେଶ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଛତ୍ରପଦା ଶ୍ମଶାନରେ ଖେଳପଡ଼ିଆ ପାଇଁ ମାଟି ପକାଯାଇଛି।

